# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 September - 2024**

News Editor : *Itishree Singh Rathaur*

---

# ପ୍ରକଳ୍ପ ମଂଜୁରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚକ୍ଷମତା ସଂପନ୍ନ ଅନୁମୋଦନ କମିଟି ବୈଠକରେ ୧୨ଟି ଶିଳ୍ପ ପ୍ରକଳ୍ପ ସ୍ଥାପନକୁ ଅନୁମତି ମିଳିଛି । ୮ଟି ଜିଲ୍ଲାରେ ହେବାକୁ ଥିବା ଏହି ଶିଳ୍ପଗୁଡ଼ିକ ପାଇଁ ୩୯ ହଜାର ୨୭୧ କୋଟି ଟଙ୍କା ନିବେଶ କରାଯିବ । ଏହି ଶିଳ୍ପ ସ୍ଥାପନ ହେଲେ ୧୭ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ସ୍ଥାପନ ହେବାକୁ ଥିବା ଏହି ଶିଳ୍ପଗୁଡ଼ିକ ମଧ୍ୟରେ କେମିକାଲ୍, ସିମେଣ୍ଟ, ଷ୍ଟିଲ୍, ରବର, ସେମିକଣ୍ଡକ୍ଟର ଉତ୍ପାଦ କାରଖାନା ଆଦି ରହିଛି ।

# ମଙ୍କିପକ୍ସ

ଦେଶର କେତେକ ଅଞ୍ଚଳରେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସମସ୍ତ ମେଡ଼ିକାଲ କଲେଜ ମୁଖ୍ୟ, ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ, ପାରାଦ୍ୱୀପ ବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ବିମାନ ବନ୍ଦର ଏବଂ ବନ୍ଦର ଗୁଡ଼ିକରେ

ସ୍ୱାସ୍ଥ୍ୟ ଡେସ୍କ ଖୋଲାଯାଇ ସମ୍ବେଦନଶୀଳ ଦେଶଗୁଡ଼ିକରୁ ଫେରୁଥିବା ଯାତ୍ରୀମାନଙ୍କୁ ଯାଞ୍ଚ କରାଯିବ ବୋଲି କୁହାଯାଇଛି । ଚିହ୍ନଟ ବ୍ୟକ୍ତିମାନଙ୍କୁ ସଙ୍ଗରୋଧରେ ରଖାଯିବା ସହ ସେମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ଏମ୍‌ସକୁ ପଠାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି ।

## ରାଜ୍ୟ ସରକାର-୧୦୦ ଦିନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାରର ଆଜି ୧୦୦ ଦିନ ପୂରଣ ହୋଇଛି । ଏହି ଅବସରରେ ପୁରୀ ଶରଧାବାଲିରେ ଏକ  ସମାବେଶକୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ପ୍ରତି ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀମାନେ ସାମିଲ ହେବେ । ଏହାକୁ ଦୃଷ୍ଟିରେ ରଖି ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ରାସ୍ତା ମରାମତି

ଦୁର୍ଗାପୂଜା ପୂର୍ବରୁ ଅକ୍ଟୋବର ମାସ ୫ ତାରିଖ ସୁଦ୍ଧା ସହରର ରାସ୍ତାଗୁଡ଼ିକୁ ଖାଲମୁକ୍ତ କରିବା ପାଇଁ ମରାମତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା, ସେତୁ ଏବଂ

ପ୍ରମୁଖ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା । ବୈଠକରେ ଚାଲୁରହିଥିବା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ପ୍ୟାକ୍ସ-ନୂଆ କ୍ୟାଡର

ରାଜ୍ୟରେ ଥିବା ପ୍ରାଥମିକ କୃଷି ସମବାୟ ସମିତି-ପ୍ୟାକ୍ସ ଗୁଡ଼ିକର କର୍ମଚାରୀଙ୍କୁ ନୂଆ କ୍ୟାଡରଭୁକ୍ତ କରାଯିବ । ନିବନ୍ଧକ ସମବାୟ ସମିତି ସମୂହ ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀର ସମୀକ୍ଷା କରି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ନୂତନ ଭାବେ ପଞ୍ଜୀକୃତ ୧ ହଜାର ୫୪୨ଟି ପ୍ୟାକ୍ସର କାର୍ଯ୍ୟାଳୟ, ଗୋଦାମଗୃହ ଓ ଧାନ ପିଣ୍ଡି ନିର୍ମାଣ ସହ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ କରାଯିବ । ସେହିପରି ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ଗୃହ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରିବା ଲାଗି ମନ୍ତ୍ରୀ ଶ୍ରୀ ବଳସାମନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀମାନଙ୍କୁ ଯେଭଳି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩ ହଜାର ୧ ଶହ ଟଙ୍କା ମିଳିବ ଏବଂ କଟ୍‌ନି ଛଟନି ଓ ବାଟମାରଣା ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ କହିଛନ୍ତି ।

## ବନ୍ୟା

ରାଜ୍ୟର ୪ଟି ଜିଲ୍ଲାର ୩୯ ହଜାର ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା

ଅନୁଯାୟୀ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ବନ୍ୟା ସ୍ଥିତି ଯୋଗୁଁ ବର୍ତ୍ତମାନ ସୁଦ୍ଧା ୪୭୧ଟି ଘର ଭାଙ୍ଗିଥିବା ବେଳେ ୧୩ ହଜାର ୨୩୫ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକ ଭୋଗରାଇ, ବସ୍ତା, ଜଳେଶ୍ୱର, ବାଲେଶ୍ୱର ସଦର ଓ ରେମୁଣା ବ୍ଲକର ୧୪୧ଟି ଗ୍ରାମରେ ୩୫ ହଜାର ୬୫୪ ଜଣ ପ୍ରଭାବିତ ହୋଇଛନ୍ତି । ଏହା ସହ ୧୧ ହଜାର ୬୩୨ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ସେଠାରେ ୫୧ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ସେହିପରି କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକର ୧ ହଜାର ୧୬୦ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ବ୍ଲକ ଓ ରାଉରକେଲା ପୌରାଞ୍ଚଳର ୧୫୩ ଜଣ ପ୍ରଭାବିତ ହୋଇଛନ୍ତି ।

## ସ୍ୱାସ୍ଥ୍ୟସେବା-ସ୍ୱତନ୍ତ୍ର ନୀତି

ରାଜ୍ୟରେ କାର୍ଯ୍ୟରତ ଡାକ୍ତର, ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ସ୍ୱାସ୍ଥ୍ୟସେବା ସହ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ନିମନ୍ତେ ସରକାର ସ୍ୱତନ୍ତ୍ର ନୀତି ଆଣିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଚେରୀ ନିର୍ମାଣ ସହ ଅନ୍ତର୍ବିଭାଗ ରୋଗୀଙ୍କ ନିମନ୍ତେ ଦର୍ଶକ ଅନୁମତିପତ୍ର ବ୍ୟବସ୍ଥା କରାଯିବ । ସେହିପରି ହସ୍ପିଟାଲର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ, ପୋଲିସ୍ ଆଉଟପୋଷ୍ଟ ପ୍ରତିଷ୍ଠା, ଡାକ୍ତର ଏବଂ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଡିଉଟି ରୁମ୍ ଓ ବିଶ୍ରାମ

ଗୃହ ଭଳି ବ୍ୟବସ୍ଥା କରାଯିବ । ଏକ ସଂସ୍ଥାଗତ ନିରୀକ୍ଷଣ କମିଟି ପ୍ରତ୍ୟେକ ମାସରେ ସମସ୍ତ କାର୍ଯ୍ୟର ସମୀକ୍ଷା କରିବ ବୋଲି ସ୍ୱତନ୍ତ୍ର ସ୍ୱାସ୍ଥ୍ୟନୀତିରେ କୁହାଯାଇଛି ।

## ମଙ୍କିପକ୍ସ

ଦେଶର କେତେକ ଅଞ୍ଚଳରେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସମସ୍ତ ମେଡ଼ିକାଲ କଲେଜ ମୁଖ୍ୟ, ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ, ପାରାଦ୍ୱୀପ ବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ବିମାନ ବନ୍ଦର ଏବଂ ବନ୍ଦର ଗୁଡ଼ିକରେ ସ୍ୱାସ୍ଥ୍ୟ ଡେସ୍କ ଖୋଲାଯାଇ ସମ୍ବେଦନଶୀଳ ଦେଶଗୁଡ଼ିକରୁ ଫେରୁଥିବା ଯାତ୍ରୀମାନଙ୍କୁ ଯାଞ୍ଚ କରାଯିବ ବୋଲି କୁହାଯାଇଛି । ଚିହ୍ନଟ ବ୍ୟକ୍ତିମାନଙ୍କୁ ସଙ୍ଗରୋଧରେ ରଖାଯିବା ସହ ସେମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ଏମ୍ସକୁ ପଠାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି ।

## ପୋଲିସ୍ ଡିଜି-କାର୍ଯ୍ୟକାଳ

ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ କାର୍ଯ୍ୟକାଳ ଆଉ ୨ ବର୍ଷ ବୃଦ୍ଧି କରାଯାଇଛି । ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ ୧୯୯୦ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ଶ୍ରୀ

ଖୁରାନିଆଙ୍କ କାର୍ଯ୍ୟକାଳ ୨୦୨୬ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।